# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 September – 2025

*************************************

## ମୁଖ୍ୟ ସମ୍ବାଦ

- ଦେଶର ୮ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ କାର୍ଯ୍ୟକ୍ରମ ଅନୁଷ୍ଠିତ

— ନୀରୋଗ ରହିବା ତଥା ସ୍ୱଦେଶୀ ଦ୍ରବ୍ୟର ବ୍ୟବହାରକୁ ଉତ୍ସାହିତ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ କହିଲେ କେନ୍ଦ୍ର କ୍ରୀଡାମନ୍ତ୍ରୀ

- ଆଜି ଦୃଶ୍ୟମାନ ହେବ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ; ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି

- ଆସନ୍ତା ୨୭ ତାରିଖରୁ ୨ଟି ଅଧିବେଶନରେ ହେବ ଓଟିଇଟି ପରୀକ୍ଷା

ଏବଂ

- ପୁରୁଷ ଏସିଆ କପ୍ ହକି ଚାମ୍ପିଅନ୍‌ସିପ୍‌ରେ ଆଜି ଭାରତ ଓ ଦକ୍ଷିଣକୋରିଆ ମଧ୍ୟରେ ଫାଇନାଲ ମ୍ୟାଚ୍

# ଫିଟ୍ ଇଣ୍ଡିଆ ମାଣ୍ଡବ୍ୟ

‘ସଣ୍ଡେଜ୍ ଅନ୍ ସାଇକଲ’ କାର୍ଯ୍ୟକ୍ରମ ଦେଶବ୍ୟାପୀ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି। ଶ୍ରୀ ମାଣ୍ଡବୀୟ କହିଛନ୍ତି ସୁସ୍ଥ ଓ ନିରୋଗ ରହିବା ଏବଂ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାରକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଜିଏସ୍‌ଟି ସଂସ୍କାର ଫଳରେ ବାଇସାଇକଲ କ୍ରୟ ଉପରେ ଜିଏସ୍‌ଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ କମାଇ ଦିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଚଳିତବର୍ଷ ଫିଟ୍ ଇଣ୍ଡିଆ : ସଣ୍ଡେଜ୍ ଅନ୍ ସାଇକଲ କାର୍ଯ୍ୟକ୍ରମର ବାର୍ତ୍ତା ରହିଛି ‘ଗର୍ବ ସେ ସ୍ୱଦେଶୀ’ । ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀସ୍ଥିତ ଭାରତୀୟ ରେଳବାଇର ସହାୟତାରେ କାର୍ଯ୍ୟକାରୀ କରାଯାଉଛି । ଦେଶର ବିଭିନ୍ନ ଭାଗରେ ଥିବା ୮ହଜାରରୁ ଉର୍ଦ୍ଧ୍ୱ ସ୍ଥାନରେ ଆଜି ଏକକାଳୀନ ଭାବେ ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସାଇକଲ ଚାଳନା ଦ୍ୱାରା ଏକ ଉତ୍ତମ ବ୍ୟାୟାମ ହେବା ସହ ପରିବେଶ ପ୍ରଦୂଷଣକୁ ବହୁମାତ୍ରାରେ ରୋକାଯାଇପାରୁଛି ।

## ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ

‘ସ୍ୱଚ୍ଛ ବାୟୁ ପାଇଁ ଦୌଡ଼’ର ବାର୍ତ୍ତା ନେଇ ଆଜି ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳିତ ହେଉଛି। ଏହି ଅବସରରେ

ଭୁବନେଶ୍ୱର ଫରେଷ୍ଟ ପାର୍କରେ ଏକ ସଚେତନତା ସାଇକେଲ ରାଲି ଆୟୋଜିତ ହୋଇଯାଇଛି। ସ୍ୱଚ୍ଛ ପରିବେଶ ଏବଂ ସ୍ଥାୟୀ ଜୀବନଶୈଳୀର ବାର୍ତ୍ତା ପ୍ରସାର କରିବା ଉଦ୍ଦେଶ୍ୟରେ ଏହି ରାଲି ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟ ବନ ସଂରକ୍ଷକ ପ୍ରମୁଖ ଏଥିରେ ଯୋଗଦେଇ  ଆମେ ଗ୍ରହଣ କରୁଥିବା ବାୟୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଏବଂ ଭବିଷ୍ୟତ ପିଢ଼ିକୁ ନିର୍ମଳ, ସୁସ୍ଥ ଏବଂ ସ୍ଥାୟୀ ପରିବେଶ ପ୍ରଦାନ କରିବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ ମୋଟରଯାନର ସ୍ଥାୟୀ ଏବଂ ସୁସ୍ଥ ବିକଳ୍ପ ଭାବରେ ସାଇକେଲ ଚାଳନାର ଗୁରୁତ୍ୱ, ସବୁଜ ଜୀବନଶୈଳୀର ପ୍ରୋତ୍ସାହନ ଏବଂ ସୁସ୍ଥ ଆସନ୍ତାକାଲି ପାଇଁ  ନୀଳ ଆକାଶ ସୁନିଶ୍ଚିତ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି।

## ପ୍ରଭାତୀ ପରିଡା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ନିମାପଡା ଗସ୍ତରେ ଯାଇ ନିମାପଡା-ବଳଙ୍ଗା ମୁଖ୍ୟରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୪ କିଲୋମିଟର ରାସ୍ତାର ଉନ୍ନତୀକରଣ କରାଯିବ। ଏଥିପାଇଁ ୩୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ।

## ଚାରା ରୋପଣ

ରାଜ୍ୟ ସରକାରଙ୍କ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ **ଗଜପତି** ଜିଲ୍ଲା ପାରଳାଖେମୁଣ୍ଡି ବନଖଣ୍ଡ ପରିଦର୍ଶନ କରି ବୃକ୍ଷରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ଶ୍ରୀ ପନ୍ଥ ଗଜପତି ଜିଲ୍ଲାକୁ ଦୁଇଦିନିଆ ଗସ୍ତ

କରି କ୍ଷେତ୍ର ପରିଦର୍ଶନ କରିବା ସହିତ ଟାଙ୍ଗରା ଜଙ୍ଗଲଗୁଡ଼ିକରେ ବୃକ୍ଷରୋପଣ କରି ଜଙ୍ଗଲ ସୃଷ୍ଟି କରିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ଅଧିକାରୀମାନଙ୍କୁ କହିଛନ୍ତି। ଏଥିସହ ଆଗାମୀ ଦିନରେ ଅର୍ଥକରୀ ବୃକ୍ଷ ରୋପଣ ନିମନ୍ତେ ସେ ପରାମର୍ଶ ଦେଇଛନ୍ତି।

## ସ୍ୱତନ୍ତ୍ର ଓ.ଟି.ଇ.ଟି.

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓ.ଟି.ଇ.ଟି. ଆସନ୍ତା ୨୭ ତାରିଖରେ ୨ଟି ଅଧିବେଶନରେ ଅନୁଷ୍ଠିତ ହେବ । ଏଥିନିମନ୍ତେ ବୋର୍ଡ଼ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ପରୀକ୍ଷାର୍ଥୀମାନେ ଆସନ୍ତା ୧୭ ତାରିଖରୁ ପ୍ରବେଶ ପତ୍ର ବୋର୍ଡ଼ ୱେବ୍‌ସାଇଟ୍ www.bseodisha.ac.inରୁ ଡାଉନ୍‌ଲୋଡ୍ କରିପାରିବେ ।

## ଶ୍ରୀମନ୍ଦିର - ଚନ୍ଦ୍ରଗ୍ରହଣ

ଚଳିତ ବର୍ଷର ଅନ୍ତିମ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଆଜି ଦୃଶ୍ୟମାନ ହେବ। ଭାରତୀୟ ସମୟ ଅନୁଯାୟୀ ରାତି ୯ଟା ୫୮ ମିନିଟ୍‌ରୁ ଗ୍ରହଣ ଆରମ୍ଭ ହୋଇ ବିଳମ୍ବିତ ରାତି ଗୋଟାଏ ୨୬ ମିନିଟ୍‌ରେ ଶେଷ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ମତ ଦେଇଛନ୍ତି । ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି।

ଆଜି ମଧ୍ୟରାତ୍ର ୨ଟାରୁ ଦ୍ୱାରଫିଟା ଯିବା ସହ ୨ଟା ୪୦ ମିନିଟ୍ ମଧ୍ୟରେ ମଙ୍ଗଳାତୀ ସମ୍ପନ୍ନ ହୋଇଥିଲା। ଦିନ ସାଢ଼େ ୧୨ଟା ସୁଦ୍ଧା ସମସ୍ତ

ନୀତିକାନ୍ତି ସମ୍ପନ୍ନ ହେବା ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ଭିତର କାଠ ଦର୍ଶନ ଅନୁଷ୍ଠିତ ହେଉଛି। ରାତିରେ ଗ୍ରହଣ ସ୍ପର୍ଶ ହେବା ମାତ୍ରକେ ମହାପ୍ରଭୁମାନଙ୍କର ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗନୀତି କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଗ୍ରହଣ ସର୍ବମୋକ୍ଷ ରାତ୍ରି ଗୋଟାଏ ୨୭ ମିନିଟ୍ ୧୭ ସେକେଣ୍ଡରେ ହେବ। ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ନୀତି ଓ ଇନ୍ଦ୍ରହାତୀ ପ୍ରସ୍ତାବ ନୀତି ଅନୁଷ୍ଠିତ ହୋଇଯାଇଛି।

## ଗଣେଶ ଭସାଣ

କଟକ ସହରର ବିଭିନ୍ନ କ୍ଲବ୍ ଓ ପୂଜାକମିଟି ପକ୍ଷରୁ ଆଜି ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣ ଉତ୍ସବ ଆରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ୩୧୦ରୁ ଊର୍ଦ୍ଧ୍ୱ ପ୍ରତିମା ବିସର୍ଜନ ପାଇଁ ସମ୍ପୃକ୍ତ କ୍ଲବ୍ ଓ କମିଟିଗୁଡ଼ିକୁ ଅନୁମତି ଦିଆଯାଇଛି। ନଦୀ ଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ କଟକ ଉନ୍ନୟନ ନିଗମ ପକ୍ଷରୁ ୧୫ଟି ସ୍ଥାନରେ କୃତ୍ରିମ ଜଳାଶୟ ସୃଷ୍ଟି କରାଯାଇଛି। ଆଜି ଚନ୍ଦ୍ରଗ୍ରହଣ ଥିବାରୁ ରାତି ୯ଟା ୫୬ ମିନିଟ୍ ସୁଦ୍ଧା ପ୍ରତିମା ବିସର୍ଜନ କରାଯିବ ବୋଲି ଜଣାପଡିଛି। ଭସାଣ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଭାଗବତଜନ୍ମ

ପବିତ୍ର ଭାଦ୍ରବପୂର୍ଣ୍ଣିମାରେ ଆଜି ମହାପୁରୁଷ ଅତିବଡୀ ଜଗନ୍ନାଥ ଦାଶଙ୍କ ରଚିତ ଭାଗବତ ପୁରାଣର ଜନ୍ମୋତ୍ସବ ପାଳିତ ହେଉଛି।

ଏହି ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଭାଗବତଗ୍ରନ୍ଥ ଓଡ଼ିଶା ବାସୀଙ୍କ ସ୍ୱାଭିମାନ ଓ ଅସ୍ମିତାର ପରିଚୟ। ଓଡ଼ିଆ ଜାତିର ସାହିତ୍ୟିକ, ସାଂସ୍କୃତିକ ଓ ଆଧ୍ୟାତିକ ଜାଗରଣରେ ଏହି ମହାନ ଗ୍ରନ୍ଥ ସହାୟକ ହୋଇଛି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶ୍ରୀମଦ୍‌ଭାଗବତ ଓଡ଼ିଆ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ଭାଗବତ ଜନ୍ମ ନୀତି ପାଳନ କରାଯିବା ସହ ଭାଗବତ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

**ନୟାଗଡ଼** ଜିଲ୍ଲା କଣ୍ଟିଲୋର ଶ୍ରୀନୀଳମାଧବ, ରାଧାମୋହନଜୀଉ ମଠ, ଜଗନ୍ନାଥ ମନ୍ଦିର ଏବଂ ସିଦ୍ଧମୂଳାସ୍ଥିତ ଗୋକୁଳାନନ୍ଦଜୀଉପୀଠଠାରେ ଭାଗବତଜନ୍ମ ମହା ସମାରୋହରେ ପାଳିତ ହୋଇଯାଇଛି। ସକାଳୁ ମଙ୍ଗଳଆଳତି ପରେ ଭାଗବତ ପୋଥି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା।

## ଭାଗବତ କଥାମୃତ

**ସୁବର୍ଣ୍ଣପୁର**ର ଶୈନଗିରିସ୍ଥିତ ଯୋଗବିହାରଠାରେ ଓଡ଼ିଆ ଭାଗବତ ଜନ୍ମ ତଥା ଭାଗବତ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଗବତ ଓ ସମାଜ ସ୍ୱର ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ବକ୍ତାମାନେ ଓଡଆ ଭାଷାକୁ ସମୃଦ୍ଧ

କରିବାରେ ଅତିବଡ଼ୀ ଜଗନ୍ନାଥ ଦାଶଙ୍କର ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ଏଥିସହ ଧର୍ମୀୟ ପରମ୍ପରାକୁ ଉଜ୍ଜୀବିତ କରି ନୈତିକ ଶିକ୍ଷା ଓ ସମାଜ ସଂସ୍କାର ଦିଗରେ ଓଡ଼ିଆ ଭାଗବତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

## ଅନନ୍ତ ନାରାୟଣ ପୂଜା

**ଭଦ୍ରକ** ନରିପୁର ଅସ୍ତଳ ଗ୍ରାମରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କର ପୂଜାଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନନ୍ତ ନାରାୟଣଙ୍କର ପୂଜା ପାରମ୍ପରିକ ରୀତିରେ ପାଳିତ ହୋଇଥାଏ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଏବଂ ଶ୍ରଦ୍ଧାଳୁମାନେ ଯୋଗଦେଇ ଶ୍ରୀ ଅନନ୍ତ ନାରାୟଣଙ୍କ ମହିମା କିମ୍ବଦନ୍ତୀ ସମ୍ପର୍କରେ ଆଲୋଚନା କରିଥିଲେ।

# ଜିଏସ୍‌ଟି

ଦେଶର ସାଧାରଣ ନାଗରିକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଏସ୍‌ଟି ପରବର୍ତ୍ତୀ ପିଢ଼ି ସଂସ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ୨୨ ତାରିଖରୁ ଏହା କାର୍ଯ୍ୟକାରୀ ହେବ । ଜିଏସ୍‌ଟି ପରିଷଦର ଗତ ବୁଧବାର ଅନୁଷ୍ଠିତ ବୈଠକରେ ଟିକସ ହାର ହ୍ରାସ କରିବା ଏବଂ ବ୍ୟାବସାୟିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ବହୁ କ୍ଷେତ୍ରୀୟ ସଂସ୍କାର ଘୋଷଣା କରିଛି । ଜିଏସ୍‌ଟି ପରିଷଦ ବୈଠକରେ ଚାରିସ୍ତରୀୟ ଟିକସ ହାର ବ୍ୟବସ୍ଥାକୁ ହ୍ରାସ କରାଯାଇ ଦୁଇଟି ସ୍ତରରେ ସୀମିତ ରଖାଯାଇଛି । ନାଗରିକଙ୍କ ଜୀବନଧାରଣର ମାନକ ଉନ୍ନତ କରିବା ଏବଂ ଟିକସ ଦାଖଲ ପ୍ରକ୍ରିୟାକୁ ଅଧିକ ସରଳ କରିବା ଲକ୍ଷ୍ୟ

ନେଇ ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ ସଂସ୍କାରମୂଳକ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଜିଏସ୍‌ଟି ସଂସ୍କାର ସମ୍ପର୍କରେ ଝାରସୁଗୁଡ଼ା ଜିଲ୍ଲାର ଜଣେ ଉଦ୍ୟୋଗୀ ଲଳିତେନ୍ଦୁ ସ୍ୱାଇଁ କହିଛନ୍ତି....

# - V/O - (ଲଳିତେନ୍ଦୁ ସ୍ୱାଇଁ)

## କୃଷି ସମୀକ୍ଷା

ରାଜ୍ୟ ଅତିରିକ୍ତ କୃଷି ନିର୍ଦ୍ଦେଶିକା ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କୃଷି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଅବସରରେ କୃଷକ ପଞ୍ଜୀକରଣ, ଡିଜିଟାଲ ଫସଲ ସର୍ବେକ୍ଷଣ ଆଦି ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

## ଏସିଆ କପ୍

ପୁରୁଷ ଏସିଆ କପ୍ ହକି ଚମ୍ପିଆନ୍‌ସିପ୍‌ର ଟାଇଟଲ ହାସଲ ପାଇଁ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଆଜି ମୁକାବିଲା ହେବ । ବିହାରର ରାଜଗିରିଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଫାଇନାଲ ମ୍ୟାଚ୍ ଖେଳାଯିବ । ପୂର୍ବରୁ ୩ଥର ଏସିଆକପ୍ ଟାଇଟଲ ହାସଲ କରିଥିବା ଭାରତୀୟ ଦଳ ଏବଂ ପୂର୍ବତନ ଚମ୍ପିଆନ ଦକ୍ଷିଣ କୋରିଆ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହେବ ବୋଲି ଆଶା କରାଯାଉଛି । ଚଳିତ ଏସିଆକପ୍ ହକି ଚମ୍ପିଆନ୍‌ସିପ୍

ପ୍ରତିଯୋଗିତାରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ଅପରାଜେୟ ରହିଛି । ସୁପର-୪ ପର୍ଯ୍ୟାୟରେ ଭାରତ ଦୃଢ଼ ପ୍ରତିଦ୍ୱନ୍ଦ୍ୱି ମାଲେସିଆ ଏବଂ ଚୀନ୍‌କୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛି । ଆଜିର ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ନେଦରଲ୍ୟାଣ୍ଡ ଏବଂ ବେଲଜିୟମରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ହକି ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ନିଜର ସ୍ଥାନ ପକ୍କା କରିବ ।

ଚଳିତବର୍ଷ ଏସିଆ କପ୍ ହକି ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶାରୁ ଅମିତ୍‌ରୋହି ଦାସ, ଶିଳାନନ୍ଦ ଲାକ୍ରା ଏବଂ ନୀଲମ୍ ସଞ୍ଜୀବ୍ ଖେସ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ।

## ଏସିଆନ୍ ପ୍ରତିଯୋଗିତା

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତାମାସ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ୨୮ତମ ଆଇ.ଟି.ଟି.ଏ.-ଏ.ଟି.ଟି.ୟୁ. ଏସିଆନ୍ ଟେବୁଲ୍ ଟେନିସ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହେବ । ଟେବୁଲ୍‌ଟେନିସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି ଏସିଆର ପ୍ରମୁଖ ପୁରୁଷ ଏବଂ ମହିଳା ଦଳ ଏଥିରେ ଅଂଶଗ୍ରହଣ କରିବେ ।

## ପାଣିପାଗ

ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ

କେନ୍ଦ୍ର ଅନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।